# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 7 February – 2026

---

## ଅର୍ଥନୈତିକ କରିଡର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର ଯୋଜନାର ଆଜି ଶୁଭାରମ୍ଭ କରିବେ । ଏହି ଯୋଜନାରେ ୮୦ରୁ ଅଧିକ ପ୍ରସ୍ତାବିତ ପ୍ରକଳ୍ପ ଏବଂ ୩୦ରୁ ଅଧିକ ନୀତିଗତ ପ୍ରସ୍ତାବନା ରହିଥିବା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଅର୍ଥନୈତିକ କରିଡର ଦ୍ୱାରା ରାଜ୍ୟର ପର୍ଯ୍ୟଟନଭିତ୍ତିକ,ସାଂସ୍କୃତିକ ଏବଂ ଐତିହ୍ୟ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବା ସହିତ ଜ୍ଞାନ, ନବସୃଜନ ଓ ପ୍ରତିଭା କ୍ଷେତ୍ରରେ ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ପେଣ୍ଠସ୍ଥଳୀ ଭାବେ ଗଢ଼ାଯାଇ ପାରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି ।

---

## ସମ୍ମିଳନୀ-ମୁଖ୍ୟମନ୍ତ୍ରୀ

ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶ ଦ୍ୱାରା ଶ୍ରମିକ କଲ୍ୟାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀ ବଗଲା ଧର୍ମଶାଳାଠାରେ ଆୟୋଜିତ ଅଖିଳ ଭାରତୀୟ ମଜଦୁର ସଂଘର ୨୧ତମ ତ୍ରିବାର୍ଷିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଂପ୍ରତିକ ପରିସ୍ଥିତିରେ ଦ୍ରୁତଗତିରେ ହେଉଥିବା ପରିବର୍ତ୍ତନକୁ ସ୍ୱୀକାର କରି ଆମକୁ ଆଗକୁ

ବଢ଼ିବାକୁ ହେବ । ସମ୍ମିଳନୀରେ ବ୍ରାଜିଲ, ମରିସସ୍, ଇଟାଲୀ, ତୁର୍କୀ ଓ ନେପାଳ ଆଦି ଦେଶର ୩୮ଜଣ ପ୍ରତିନିଧି ଯୋଗ ଦେଇଥିଲେ ।

## ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ

ରାଜ୍ୟ ସରକାର  କ୍ଷୁଦ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କର ଟଙ୍କା ଫେରସ୍ତ ସମୟ ଅବଧିକୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ୮ ହଜାରରୁ ୧୦ ହଜାର ଟଙ୍କା କ୍ଷୁଦ୍ର ଜମାକାରୀମାନଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ଚିଟ୍‌ଫଣ୍ଡ ଜମାକାରୀମାନେ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରି ୧୫ ଦିନ ମଧ୍ୟରେ ଟଙ୍କା ଫେରସ୍ତ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ମୁଖ୍ୟମନ୍ତ୍ରୀ–ବଜେଟ୍ ପ୍ରସ୍ତାବ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକବର୍ଷରେ କେଉଁ ବିଭାଗରେ କେତେ ପରିମାଣରେ ଖର୍ଚ୍ଚ ହୋଇଛି ଏବଂ ଆସନ୍ତା ଆର୍ଥିକବର୍ଷ ନିମନ୍ତେ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବଜେଟ୍ ପ୍ରସ୍ତାବର ଆଜି ସମୀକ୍ଷା କରିବେ । ବିଧାନସଭାର ବଜେଟ୍ ଅଧିବେଶନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହେବ  ଏବଂ ୨୦ ତାରିଖରେ ବଜେଟ୍ ଉପସ୍ଥାପନ କରାଯିବ ।

# ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ

ରାଜ୍ୟ ସରକାର  କ୍ଷୁଦ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କର ଟଙ୍କା ଫେରସ୍ତ ସମୟ ଅବଧିକୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ୮ ହଜାରରୁ ୧୦ ହଜାର ଟଙ୍କା କ୍ଷୁଦ୍ର ଜମାକାରୀମାନଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ଚିଟ୍‌ଫଣ୍ଡ ଜମାକାରୀମାନେ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରି ୧୫ ଦିନ ମଧ୍ୟରେ ଟଙ୍କା ଫେରସ୍ତ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

---

# ସ୍ୱାସ୍ଥ୍ୟ ଯତ୍ନ ପରିଚାଳନା

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା-ଏନ୍‌ଏଲ୍‌ୟୁ ପକ୍ଷରୁ ଗତକାଲି ସ୍ୱାସ୍ଥ୍ୟ ଯତ୍ନ ପରିଚାଳନା ଏବଂ ଆଇନ ବିଷୟରେ ଏମ୍‌ବିଏ ପାଠ୍ୟକ୍ରମର ଔପଚାରିକ ଉଦ୍‌ଘାଟନ କରାଯାଇଛି । ସ୍ୱାସ୍ଥ୍ୟକ୍ଷେତ୍ରରେ ନେତୃତ୍ୱ ଦେବାକୁ ସକ୍ଷମ ମାନବ ସମ୍ପଦ ସୃଷ୍ଟି କରିବା ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଉଦ୍‌ଘାଟନ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି, ଏନ୍‌ଏଲ୍‌ୟୁର ଉପକୁଳପତି ପ୍ରଫେସର ୱେଦ କୁମାରୀଙ୍କ ସମେତ ବରିଷ୍ଠ ଅଧ୍ୟାପକ ମଣ୍ଡଳୀ, ସ୍ୱାସ୍ଥ୍ୟ ବୃତ୍ତିଜୀବୀ ଓ ନୀତିନିର୍ଦ୍ଧାରକମାନେ ଉପସ୍ଥିତ ଥିଲେ ।

---

## ପୁରୁଣା ଯାନ କିଣାବିକା

ପୁରୁଣା ବ୍ୟବହୃତ ଯାନବାହାନ କିଣାବିକା ବୃଦ୍ଧି ପାଉଥିବାରୁ ରାଜ୍ୟ ପରିବହନ ପ୍ରାଧିକରଣ-ଏସ୍‌ଟିଏ ପକ୍ଷରୁ ଏସଂପର୍କିତ ପରାମର୍ଶବଳୀ ଜାରି କରାଯାଇଛି । ପୁରୁଣା ଗାଡ଼ି କ୍ରୟ ବିକ୍ରୟ କରୁଥିବା ଡିଲରମାନଙ୍କୁ ନିର୍ଦ୍ଧାରିତ ନିୟମାବଳୀ ପାଳନ କରିବାକୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଡିଲର ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ଜନଗଣନା-ଆଲୋଚନା

ସୁବର୍ଣ୍ଣପୁର ଜିଲ୍ଲାରେ ଦିନିକିଆ ପ୍ରଥମ ପର୍ଯ୍ୟାୟ ଜନଗଣନା-୨୦୨୭ ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା, ଆଲୋଚନା ତଥା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଜନଗଣନା କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଗୃହତାଲିକା ପ୍ରସ୍ତୁତି କାର୍ଯ୍ୟ ଆସନ୍ତା ଏପ୍ରିଲ୍ ୧୬ ତାରିଖରୁ ଆରମ୍ଭ ହୋଇ ମଇମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଡାହାଣୀ ପ୍ରଥା

ନୟାଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଡାହାଣୀପ୍ରଥା ବିରୋଧୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା

ରଥ ଅଧ୍ୟକ୍ଷତା କରି  ଡାହାଣୀ ପ୍ରଥା ଏକ ଗୁରୁତର ଲିଙ୍ଗ ଭିତ୍ତିକ ହିଂସା ଓ ସାମାଜିକ ଅନ୍ୟାୟ ବୋଲି ମତ ଦେଇଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସାମାଜିକ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ସୁଭଦ୍ରା ଶକ୍ତିମେଳା

ନାରୀ ସଶକ୍ତିକରଣ, ଆତ୍ମନିର୍ଭରଶୀଳତା ଓ ସ୍ୱଦେଶୀ ଉତ୍ପାଦର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତକାଲି ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ ହୋଇଯାଇଛି । ମେଳାରେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟ ଉତ୍ପାଦ, ବସ୍ତ୍ର, ଗୃହ ଉପକରଣ ଓ ଅନ୍ୟାନ୍ୟ ସ୍ୱଦେଶୀ ସାମଗ୍ରୀର ୪୦୦ଟି ଷ୍ଟଲ୍ ଖୋଲାଯାଇଛି । ବାଲିଯାତ୍ରା ପଡ଼ିଆରେ ଚାଲିଥିବା ଏହି ମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

Desk

## ୫୧ତମ ବାର୍ଷିକ ଅବକାରୀ କ୍ରୀଡ଼ା ଉତ୍ସବ

କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମଠାରେ ଆଜିଠାରୁ ଦୁଇଦିନିଆ ୫୧ତମ ବାର୍ଷିକ ଅବକାରୀ କ୍ରୀଡ଼ା ଉତ୍ସବ ୨୦୨୬ ଆରମ୍ଭ ହେବ। କ୍ରୀଡ଼ା ଉତ୍ସବରେ ରାଜ୍ୟର ୩୩ଟି ଅବକାରୀ ଜିଲ୍ଲାର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।